# NATIONAL NEWS BULLETIN (ODIA)

**16 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ୨୦୪୭ ସୁଦ୍ଧା ଦେଶକୁ ନିଶାମୁକ୍ତ କରିବା ନିମନ୍ତେ ଲାଗୁ ହେବ ତିନିସୂତ୍ରୀ ଯୋଜନା ।

- ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି କରିବା ଉଦ୍ଦେଶ୍ୟରେ ମରିସସ୍‌ରେ ପହଞ୍ଚିଲେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର

- ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀଙ୍କ ସହ ଗୁଳିବିନିମୟରେ ଆହତ ୫ ଯବାନଙ୍କର ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ।

– ଘଟଣାରେ ଦୁଃଖ ପ୍ରକାଶ କଲେ ପ୍ରତିରକ୍ଷାମନ୍ତ୍ରୀ ଓ ସେନାମୁଖ୍ୟ

- ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ସୁନାବେଶ ଲାଗି ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି ।

ଏବଂ

- ନିଟ୍ ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆଉଜଣଙ୍କୁ ଗିରଫ କଲା ସିବିଆଇ ।

# ଶାହା -ନାର୍କୋଟିକ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନିଶା ନିୟନ୍ତ୍ରଣ ବ୍ୟୁରୋର ସପ୍ତମ ଶିଖର ବୈଠକରେ ଅଧ୍ୟକ୍ଷତା କରିବେ । ଆସନ୍ତା ଗୁରୁବାର ଏହି ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଶ୍ରୀ ଶାହା ଜାତୀୟ ନିଶାଦ୍ରବ୍ୟ ହେଲ୍ପଲାଇନ୍ **ମାନସ**ର ଉନ୍ମୋଚନ କରିବା ସହ ଶ୍ରୀନଗର ଠାରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋର ଆଞ୍ଚଳିକ କାର୍ଯ୍ୟାଳୟର ଉଦ୍ଘାଟନ କରିବେ । ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ୨୦୨୩ର ନିଶାଦ୍ରବ୍ୟ ନିୟନ୍ତ୍ରଣ ସଂପର୍କିତ ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହ ନିଶାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ କରିବେ ।

ଏହି ବୈଠକର ଉଦ୍ଦେଶ୍ୟ ହେଉଛି ବିଭିନ୍ନ କେନ୍ଦ୍ରୀୟ ଏବଂ ରାଜ୍ୟସ୍ତରୀୟ ସଂସ୍ଥାଗୁଡ଼ିକୁ ନିକଟତର କରାଇବା । ଯାହାଫଳରେ ଦେଶରେ ନିଶାଦ୍ରବ୍ୟ କାରବାର ରୋକିବା ଲାଗି ସମନ୍ୱୟ ଭିତ୍ତିକ ପଦକ୍ଷେପ ଗ୍ରହଣ କରାଯାଇ ପାରିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏ ଦିଗରେ ଏକ ତିନିସୂତ୍ରୀ ଯୋଜନା ଆରମ୍ଭ କରୁଛି । ଏଥିରେ ଲୋକମାନଙ୍କୁ ସଚେତନ କରାଇବା, ବିଭିନ୍ନ ନିଶାଦ୍ରବ୍ୟ ନିୟନ୍ତ୍ରଣକାରୀ ସଂସ୍ଥା ମାନଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ଓ ବିଭିନ୍ନ ପ୍ରତିଷ୍ଠାନ ଗୁଡ଼ିକୁ ଭାଗିଦାରୀ ପାଇଁ ସୁଯୋଗ ସୃଷ୍ଟି କରିବା । ୨୦୪୭ ସୁଦ୍ଧା ଦେଶକୁ ନିଶାମୁକ୍ତ କରିବା ପାଇଁ ସବୁମତେ ଉଦ୍ୟମ କରାଯାଉଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂଚନା ଦେଇଛି ।

---

# ଜୟଶଙ୍କର-ମରିସସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ସୁବ୍ରମଣ୍ୟମ ଜୟଶଙ୍କର ଆଜିଠାରୁ ଦୁଇଦିନିଆ ଗସ୍ତରେ ଯାଇ ମରିସସ୍‌ରେ ପହଞ୍ଚିଛନ୍ତି । ଏହି ଗସ୍ତ

କାଲରେ ଶ୍ରୀ ଜୟଶଙ୍କର ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ କୁମାର ଜଗନ୍ନାଥଙ୍କ ସମେତ ଅନ୍ୟ ବରିଷ୍ଠ ମନ୍ତ୍ରୀମାନଙ୍କ ସହ ବୈଠକ କରିବେ । ଏହି ଗସ୍ତ ସମ୍ପର୍କରେ ସୂଚନା ଦେଇ ବିଦେଶ ମନ୍ତ୍ରଣାଳୟ କହିଛି, ଉଭୟ ଦେଶ ମଧ୍ୟରେ ପ୍ରମୁଖ ବିଷୟ ଗୁଡ଼ିକ ଉପରେ ଆଲୋଚନା ହେବ । ମନ୍ତ୍ରଣାଳୟ କହିଛି, ଉଭୟ ଦେଶ ମଧ୍ୟରେ ଆପୋଷ ସମ୍ବନ୍ଧ ଦୃଢ଼ କରିବା ଏବଂ ପଡ଼ୋଶୀ ପ୍ରଥମେ ନୀତି ଅନୁଯାୟୀ ଉଭୟ ଦେଶ ମଧ୍ୟରେ ଥିବା ସ୍ୱାର୍ଥ ଜଡ଼ିତ ପ୍ରସଙ୍ଗ ଉପରେ ଆଲୋଚନା ହେବ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ତାଙ୍କର ଏହି ଗସ୍ତ ଫଳପ୍ରଦ ହେବା ନେଇ ସେ ଆଶାବାଦୀ। ଭାରତ ଏବଂ ମରୀସସ୍ ମଧ୍ୟରେ ଥିବା ସ୍ୱତନ୍ତ୍ର ସଂପର୍କକୁ ଆଗକୁ ବଢ଼ାଇବା ପାଇଁ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି କହିଛନ୍ତି ।

## ରାଜନାଥ-ଟେରରିଷ୍ଟ

ଜମ୍ମୁ କାଶ୍ମୀରର ଡୋଡାରେ ଆତଙ୍କବାଦ ବିରୋଧୀ ଅପରେସନ ବେଳେ ଯବାନ ଶହୀଦ ହେବା ଘଟଣାରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସୋସିଆଲ୍ ମିଡ଼ିଆ ପୋଷ୍ଟରେ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ଯେ କର୍ତ୍ତବ୍ୟ ପାଳନ ବେଳେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଯବାନଙ୍କ ପରିବାର ସହିତ ସମଗ୍ର ଦେଶ ଦୃଢ଼ ଭାବରେ ଛିଡ଼ା ହୋଇଛି । ସେ କହିଛନ୍ତି ଯେ ଆତଙ୍କବାଦ ବିରୋଧୀ ଅଭିଯାନ ଜାରି ରହିଛି ଏବଂ ଭାରତୀୟ ସୈନିକମାନେ ଆତଙ୍କବାଦକୁ

ସମୂଳେ ବିନାଶ କରିବା ଏବଂ ଏହି ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ ।

ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ମଧ୍ୟ  ଡୋଡାରେ ଆତଙ୍କବାଦ ବିରୋଧୀ ଅଭିଯାନରେ ଶହୀଦ ଯବାନଙ୍କ ପ୍ରତି ସମବେଦନା ଜଣାଇବା ସହ ଶୋକସନ୍ତପ୍ତ ପରିବାର ପଛରେ ସମଗ୍ର ସେନାବାହିନୀ ରହିଛି ବୋଲି କହିଛନ୍ତି ।

---

## ବିହାର-ଇଡ଼ି

ଆର୍‌ଜେଡିର ପୂର୍ବତନ ବିଧାୟକ  ଗୁଲାବ ଯାଦବଙ୍କ ବିଭିନ୍ନ ଠିକଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡି ଆଜି ଚଢ଼ଉ କରୁଛି । ଏକ ମନି ଲଣ୍ଡରିଂ ମାମଲାରେ ପାଟନା, ପୁଣେ ଏବଂ ମଧୁବନୀରେ ଆଜି ସକାଳ ୬ଟାରେ ଇଡି ପକ୍ଷରୁ ଏକକାଳୀନ ଚଢ଼ଉ ଆରମ୍ଭ ହୋଇଥିଲା । ମଧୁବନୀର ଝଞ୍ଜାରପୁରରେ ଥିବା ଗୁଲାବ ଯାଦବଙ୍କ ପୈତୃକ ଘର ସମେତ ବିଭିନ୍ନ ସ୍ଥାନରେ ଇଡି ଅଧିକାରୀମାନେ ଖାନତଲାସ କରିଛନ୍ତି । ଶ୍ରୀଯାଦବ ୨୦୧୫ ବିଧାନସଭା ନିର୍ବାଚନରେ ଝଞ୍ଜାରପୁର ଆସନରୁ ନିର୍ବାଚିତ ହୋଇଥିଲେ । ସେ ବିଏସ୍‌ପି ଟିକେଟ୍‌ରେ ଚଳିତ ବର୍ଷ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଛନ୍ତି ।

---

## ନିଟ୍-ଯୁଜି

ନିଟ୍ ପେପର ଲିକ୍ ମାମଲାରେ ଗତକାଲି ରାତିରେ ହଜାରୀବାଗ ଗେଷ୍ଟ ହାଉସ୍‌ରୁ ଜଣେ ବ୍ୟକ୍ତିଙ୍କୁ ସିବିଆଇ ଗିରଫ କରିଛି । ହଜାରୀବାଗରୁ ଏପର୍ଯ୍ୟନ୍ତ ସିବିଆଇ ଏହି ମାମଲାରେ ୫ ଜଣଙ୍କୁ ଗିରଫ କରିଛି । ଗିରଫ

ବ୍ୟକ୍ତିଙ୍କ ନିକଟରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ କରି ସିବିଆଇ ସେଗୁଡ଼ିକୁ ଯାଞ୍ଚ କରିଛି ।

## ୱିଟ୍‌ନେସ୍ ଏକ୍‌ଜାମିନେସନ୍

ପୁଲିସ୍ ବିଭାଗ ନିୟନ୍ତ୍ରଣରେ ଥିବା ଥାନା ଏବଂ ଅନ୍ୟ କୌଣସି ସ୍ଥାନକୁ ସାକ୍ଷୀଙ୍କ ପରୀକ୍ଷା ପାଇଁ ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି କେନ୍ଦ୍ର ସରକାର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ କହିଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟର ମୁଖ୍ୟଶାସନ ସଚିବ ମାନଙ୍କୁ  ଚିଠି ଲେଖି କେନ୍ଦ୍ର ଗୃହ ସଚିବ ଅଜୟ ଭଲ୍ଲା କହିଛନ୍ତି ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଅଧୀନରେ ଅଡ଼ିଓ ଭିଡ଼ିଓ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ସାକ୍ଷୀମାନଙ୍କ ପରୀକ୍ଷା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରିବାକୁ ସମସ୍ତ ଥାନାକୁ କୁହାଯାଇଛି । ସୂଚନାଯୋଗ୍ୟ, ଭାରତୀୟ ଦଣ୍ଡ ସଂହିତା ୧୮୬୦କୁ ବଦଳାଯାଇ ଚଳିତ ମାସ ୧ ତାରିଖରୁ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ୩ଟି ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ ହୋଇଛି ।

## ବିହାର ମର୍ଡର

ବିହାରରେ ବିକାଶଶୀଳ ଇନ୍‌ସାନ ପାର୍ଟି-ଭିଆଇପି ମୁଖ୍ୟ ତଥା ପୂର୍ବତନ ମନ୍ତ୍ରୀ ମୁକେଶ ଶାହନୀଙ୍କ ପିତା ଜିତନ ଶାହନୀଙ୍କୁ  ଦରଭଙ୍ଗା ଜିଲ୍ଲାରେ ଅଜ୍ଞାତ ଆକ୍ରମଣକାରୀମାନେ ହତ୍ୟା କରିଛନ୍ତି । ଆଜି ସକାଳେ ନିଜ ପୈତୃକ ଘରୁ ତାଙ୍କ ମୃତଦେହ ମିଳିଥିବା ପୁଲିସ୍ କହିଛି । ଦରଭଙ୍ଗା ଗ୍ରାମାଞ୍ଚଳ ଏସ୍.ପି. କାମ୍ୟା ମିଶ୍ର କହିଛନ୍ତି ଜିତନ ଶାହନୀ ତାଙ୍କ ଘରେ ଏକୁଟିଆ ରହୁଥିଲେ । ହତ୍ୟାକାଣ୍ଡରେ ଏକ ଧାରୁଆ ଅସ୍ତ୍ର ବ୍ୟବହାର

ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ହତ୍ୟା ପଛରେ ଥିବା ଉଦ୍ଦେଶ୍ୟ ଜାଣିବା ପାଇଁ ସମସ୍ତ ସମ୍ଭାବ୍ୟ ଦିଗରୁ ଅନୁସନ୍ଧାନ ଜାରି ରହିଛି । ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏହି ଘଟଣାରେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଦୋଷୀମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ।

ଜିତନ ଶାହନୀଙ୍କ ହତ୍ୟା ଘଟଣାର ତଦନ୍ତ ପାଇଁ ବିହାର ପୋଲିସ୍ ଏକ ସ୍ୱତନ୍ତ୍ର ତଦନ୍ତ ଦଳ-ଏସ୍ଆଇଟି ଗଠନ କରିଛି । ଦରଭଙ୍ଗା ଗ୍ରାମାଞ୍ଚଳ ଏସ୍‌ପି କାମ୍ୟା ମିଶ୍ର ଏହି ୪ଜଣିଆ ସ୍ୱତନ୍ତ୍ର ଦଳର ନେତୃତ୍ୱ ନେବେ । ହତ୍ୟା ଘଟଣାକୁ ରାଜ୍ୟର ସମସ୍ତ ରାଜନୈତିକ ଦଳ ନିନ୍ଦା କରିଛନ୍ତି । ବିରୋଧୀଦଳ ମାନେ ବିହାରର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

---

# ଜେକେ ଏନ୍‌କାଉଣ୍ଟର

ଜାମ୍ମୁ-କାଶ୍ମୀରର ଡୋଡା ଜିଲ୍ଲାରେ ଗତକାଲି ରାତିରେ ସଶସ୍ତ୍ର ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଗୁରୁତର ଆହତ ହୋଇଥିବା ଜଣେ ସେନା ଅଧିକାରୀ ଏବଂ ଜଣେ ଏସ୍ଓଜି ଯବାନଙ୍କ ସମେତ ୫ ଜଣ ସୁରକ୍ଷାକର୍ମୀ ଆଜି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି ଗତକାଲି ରାତିରେ ଡୋଡା ଜିଲ୍ଲାର ଧାରୀ ଗୋଟେ ଠାରେ ରାଷ୍ଟ୍ରୀୟ ରାଇଫଲ୍‌ସ ଏବଂ ଜାମ୍ମୁ କାଶ୍ମୀର ପୁଲିସ୍‌ର ଏସ୍ଓଜି ଯବାନଙ୍କ ସର୍ଚ୍ଚ ଅପରେସନ ବେଳେ ସଶସ୍ତ୍ର ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା । ଏଥିରେ ୫ ଜଣ ସୈନିକ ଗୁରୁତର ଆହତ ହୋଇଥିଲେ । ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏହି

ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ବାହୁଡ଼ା-ସୁନାବେଶ

ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତାକାଲି ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହେବ । ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି । ସୁନା ବେଶ, ଅଧରପଣା ଏବଂ ନିଳାଦ୍ରି ବିଜେ ଅନୁଷ୍ଠିତ ହେବାକୁ ଥିବାରୁ ପୂର୍ବତଟ ରେଳପଥ ପକ୍ଷରୁ ୭୬ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ନିଷ୍ପତ୍ତି ହୋଇଛି । ପୁରୀକୁ ଆସୁଥିବା ନିୟମିତ ଟ୍ରେନ୍ ବ୍ୟତୀତ ସୁନାବେଶ ପାଇଁ ୪୩ଟି ଏବଂ ଅଧରପଣା ପାଇଁ ୩୩ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ପୂର୍ବରୁ ରଥଯାତ୍ରା ପାଇଁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଥିଲା । ଆସନ୍ତାକାଲି ସୁନା ବେଶ ପାଇଁ ରାଜ୍ୟ ଭିତରୁ ୧୦ଟି ସ୍ଥାନରୁ ଏବଂ ରାଜ୍ୟ ବାହାରୁ ୩ଟି ସ୍ଥାନରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ।

ଗତକାଲି ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହେବା ପରେ ରଥାରୁଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ସାମ୍ନାରେ ଦର୍ଶନ କରୁଛନ୍ତି ।

## ଡିଫେନ୍ସ ଲିଷ୍ଟ୍

ଆମଦାନୀ ହ୍ରାସ କରିବା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିପା ପାଇଁ କେନ୍ଦ୍ର ସରକାର ୩୪୬ଟି ସାମଗ୍ରୀକୁ ନେଇ ପଞ୍ଚମ ପଜିଟିଭ୍ ସ୍ୱଦେଶୀକରଣ ତାଲିକା ପ୍ରସ୍ତୁତ କରିଛନ୍ତି । ଏଥିରେ

୧ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଆମଦାନୀ ବିକଳ୍ପ ମୂଲ୍ୟ ସହିତ ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଲାଇନ୍ ରିପ୍ଲେସମେଣ୍ଟ ୟୁନିଟ୍, ଖୁଚୁରା ଯନ୍ତ୍ରାଂଶ, ଉପାଦାନ ଏବଂ କଞ୍ଚାମାଲ୍ ଇତ୍ୟାଦି ସାମିଲ ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଏହି ସାମଗ୍ରୀ ଗୁଡ଼ିକ କେବଳ ଭାରତରେ ପ୍ରତିଷ୍ଠିତ ସ୍ୱଦେଶୀ ଶିଳ୍ପରୁ ଉତ୍ପାଦିତ ହୋଇଛି । ମନ୍ତ୍ରଣାଳୟ ଆହୁରି କହିଛି ଯେ ଗତ ୩ ବର୍ଷ ମଧ୍ୟରେ ୧୨ ହଜାର ୩୦୦ରୁ ଅଧିକ ସାମଗ୍ରୀର ସ୍ୱଦେଶୀକରଣ କରାଯାଇଛି । ଫଳରେ ପ୍ରତିରକ୍ଷା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗୁଡ଼ିକ ଘରୋଇ ବିକ୍ରେତାମାନଙ୍କୁ ୭ ହଜାର ୫୦୦ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ବରାଦ ଦେଇଛନ୍ତି ।

## ମହାରାଷ୍ଟ୍ର-ଆକ୍ସିଡେଣ୍ଟ୍

ମହାରାଷ୍ଟ୍ରର ମୁମ୍ବାଇ-ପୁଣେ ଏକ୍ସପ୍ରେସ୍ ୱେରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ବସ୍‌ଟି ଏକ ଟ୍ରାକ୍ଟରକୁ ଧକ୍କା ଦେବା ଫଳରେ ୫ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହେବା ସହ ୪୨ ଜଣ ଆହତ ହୋଇଛନ୍ତି । ନଭୀ ମୁମ୍ବାଇର ପାନ୍‌ଭେଲ୍ ନିକଟରେ ଗତକାଲି ମଧ୍ୟରାତ୍ରୀରେ ଏହି ଦୁର୍ଘଟଣା ଘଟିଛି । ଆଷାଢ଼ୀ ଏକାଦଶୀ ଉତ୍ସବରେ ଯୋଗଦେବା ପାଇଁ ୫୪ଜଣ ତୀର୍ଥଯାତ୍ରୀଙ୍କୁ ନେଇ ପନ୍ଧରପୁର ଅଭିମୁଖେ ଯାଉଥିବା ବସ୍‌ଟି ଟ୍ରାକ୍ଟରକୁ ଧକ୍କା ଦେବା ପରେ ରାସ୍ତାର ବ୍ୟାରିକେଡ୍ ଭାଙ୍ଗି ପ୍ରାୟ ୨୦ ଫୁଟ ଗଭୀର ଖାତକୁ ଖସିପଡ଼ିଥିଲା । ଆହତମାନଙ୍କ ମଧ୍ୟରୁ ୭ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି ।

# କେରଳ ରେନ୍

ସମଗ୍ର ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ କେରଳରେ ପ୍ରବଳ ବର୍ଷା ଲାଗି ରହିଛି । ଏଥିଯୋଗୁଁ ରାଜ୍ୟରେ ବ୍ୟାପାକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ରାଜ୍ୟର ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ମୁଖ୍ୟତଃ କେରଳର ଉତ୍ତର ଭାଗରେ ପ୍ରବଳ ବର୍ଷା ଜାରି ରହିଥିବାରୁ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହେବା ସହ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଘଟି କୃଷି ଏବଂ ବାସସ୍ଥଳୀ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ବିଭିନ୍ନ ସ୍ଥାନରେ ରାସ୍ତାଘାଟ ବନ୍ୟା ଜଳରେ ବୁଡ଼ି ରହିଥିବା ଯୋଗୁଁ ସାଧାରଣ ଜୀବନଯାତ୍ରା ଗୁରୁତର ଭାବେ ପ୍ରଭାବିତ ହୋଇଛି । ଅନେକ ଅଞ୍ଚଳରେ ଟ୍ରାଫିକ୍ ଓ ବିଦ୍ୟୁତ୍ ଯୋଗାଯୋଗ ପ୍ରଭାବିତ ହୋଇଛି । ବର୍ଷା ଜନିତ ବିଭିନ୍ନ ଘଟଣାରେ ରାଜ୍ୟରେ ଆଜି ୪ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି । ସମୁଦ୍ର ଅଶାନ୍ତ ରହିଥିବାରୁ କେରଳ, କର୍ଣ୍ଣାଟକ ଏବଂ ଲକ୍ଷାଦ୍ୱୀପ ଉପକୂଳରେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ମାଛଧରା ଉପରେ ପ୍ରତିବନ୍ଧକ ଲଗାଯାଇଛି ।